

**୮ମ ବର୍ଷ ● ୬ଷ୍ଠ ସଂଖ୍ୟା ● ଫେବୃଆରୀ ୨୦୧୯**

**ରିପୋର୍ଟ:** କୁନାକୁନି ମେଳା
**ତୁମ ମତ:** ବର୍ତ୍ତମାନ ସମୟରେ ବାୟୁ ପ୍ରଦୂଷଣ,
ଆମ ପାଇଁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି କି ?
**କାଳଜୟୀ:** ସ୍ମରଣୀୟ ସ୍ରଷ୍ଟା ଓ ତାଙ୍କର ସୃଷ୍ଟି
**ଗପ :** ଫାକୁଲା ମୂଷାର ମେଳା ବୁଲା, ସହସ୍ରାକ୍ଷଙ୍କ ଶାପମୋଚନ, ସ୍ୱାର୍ଥପର ୟୁସୁଫ୍, ...
**କବିତା:** ଭୁଲିବିନି ମୋର ଗାଁ, କରିବା ତାହାଙ୍କୁ ଅଳି, କିଏ ସେ ଆସିଛି ଆକାଶ ରାଇଜୁ, ...
**ଏଥିସହିତ କୁନିକୁନାଙ୍କ ପାଠଶାଳା, ଖବର ଓ ଆହୁରି ଅନେକ ବିଭାଗ।**

### ରିପୋର୍ଟ:
ଗତ ଜାନୁଆରୀ ୬ ତାରିଖରେ କିଟ୍ ବିଶ୍ୱବିଦ୍ୟାଳୟସ୍ଥ କ୍ୟାମ୍ପସ୍-୬ର କନ୍‌ଭେସନ୍ ସେଣ୍ଟରଠାରେ ଓଡ଼ିଶାର ସର୍ବପ୍ରଥମ ମାସିକ ପାରିବାରିକ ଶିଶୁ-କିଶୋର ପତ୍ରିକା 'କୁନିକଥା' ପକ୍ଷରୁ ଅନୁଷ୍ଠିତ ହୋଇଥିଲା 'କୁନାକୁନି ମେଳା'। ତୁମମାନଙ୍କ ପାଇଁ ଉକ୍ତ ଉତ୍ସବ ସଂପର୍କରେ ସ୍ଥାନିତ ହୋଇଛି ଏକ ରିପୋର୍ଟ।

### ତୁମ ମତ:
ଏବେ ବାୟୁ ପ୍ରଦୂଷଣ, ଆମ ପାଇଁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି। ଏ ସଂପର୍କରେ ନିଜନିଜର ମତ ରଖିଛନ୍ତି ଆମ କୁନାକୁନିମାନେ।

### ସ୍ମରଣୀୟ ସ୍ରଷ୍ଟା ଓ ତାଙ୍କର ସୃଷ୍ଟି
ଏହି ସ୍ତମ୍ଭରେ ବିଶିଷ୍ଟ ସାହିତ୍ୟିକ ଗୋଦାବରୀଶ ମହାପାତ୍ରଙ୍କ ସଂପର୍କରେ ପରିଚୟ ସହିତ ତାଙ୍କର କବିତା 'କିମିତି ସହର' ସ୍ଥାନିତ ହୋଇଛି।

### ଗପ: ଫାକୁଲା ମୂଷାର ମେଳାବୁଲା
### ଲେଖକ: ନଗେନ୍ଦ୍ରନାଥ ପଟ୍ଟନାୟକ
ସୋରିଷିଆ ରଙ୍ଗର ଫାକୁଲା ମୂଷା କିପରି ମେଳା ବୁଲିବାକୁ ଯାଇଥିଲା, ସେ ବିଷୟକ ଏହା ଏକ ମଜା ଗପ।

### ଗପ: ସହସ୍ରାକ୍ଷଙ୍କ ଶାପମୋଚନ
### ଲେଖକ: ପ୍ରଦୋଷ ତ୍ରିପାଠୀ
ଋଷି ସହସ୍ରାକ୍ଷ କିପରି ଭଗବାନ କୃଷ୍ଣଙ୍କ ହାତରେ ନିଧନ ହୋଇ ଶାପମୁକ୍ତ ହେଲେ, ତାହାହିଁ ଗପଟିର ବିଷୟବସ୍ତୁ।

### ଗପ: ସ୍ୱାର୍ଥପର ୟୁସୁଫ୍
### ଲେଖକ: ରଶ୍ମିରଞ୍ଜନ ସାହୁ
ୟୁସୁଫ୍ ନାମକ ଯୁବକ କିପରି ସ୍ୱାର୍ଥପର ଥିଲା ଓ ଶେଷରେ ସେ ନିଜର ଭୁଲ ନିଜେ ବୁଝି ପାରିଛି, ଏହା ହିଁ ଗପଟିର ସାରମର୍ମ।

### ଗପ: ଶ୍ରାଦ୍ଧ ପାଇଁ ବିରାଡ଼ି
### ଲେଖକ: ତନ୍ମୟ କୁମାର ମିଶ୍ର
ଘରେ ବାପାଙ୍କର ଶ୍ରାଦ୍ଧ ହେବ, ମାତ୍ର ଏଥିନିମନ୍ତେ ପ୍ରକୃତରେ ବିରାଡ଼ିଟିଏ ଆବଶ୍ୟକ କି ନା', ତାହାହିଁ ଗପରେ ବର୍ଣ୍ଣନା କରାଯାଇଛି।

### ଗପ: ଆରେ ବାଃ ସାବାସ
### ଲେଖିକା: ଶୁଭ୍ରା ହୋତା
ଛୋଟ ପିଲାଟି ସୌମ୍ୟ କିପରି ଦନେଇ ନନାଙ୍କ କଥାମାନି ଭଲପାଠ ପଢ଼ିଲା ଓ ସାବାସି ପାଇଲା, ତାହାହିଁ ଗପର ମୁଖ୍ୟକଥା।

### ଗପ: ଟିକି ଚଢ଼େଇ ଓ ଗୀତା
### ଆମ କୁନି ଲେଖିକା: ସ୍ୱୟଂପ୍ରଭା ପାଣିଗ୍ରାହୀ
ଛୋଟ ଝିଅ ଗୀତା କିପରି ରାସ୍ତାକଡ଼ରେ ଖଣ୍ଡିଆ-ଖାବରା ହୋଇ ପଡ଼ିଥିବା ଏକ ଟିକି ଚଢ଼େଇକୁ ଉଦ୍ଧାର କରିଛି, ଗପଟିରେ ତାହା ବର୍ଣ୍ଣନା କରାଯାଇଛି।

**କବିତା: ଭୁଲିବିନି ମୋର ଗାଁ**
**ଲେଖକ : ଧନଞ୍ଜୟ ସ୍ୱାଇଁ**
ଗାଁକୁ ନେଇ ରଚିତ ଏହି କବିତାଟି।

**କବିତା: କରିବା ତାହାଙ୍କୁ ଅଳି**
**ଲେଖକ: ସଚ୍ଚିଦାନନ୍ଦ କର**
ଜଗନ୍ନାଥଙ୍କୁ ଭିତ୍ତିକରି ଏହି କବିତାଟି ରଚନା ହୋଇଛି।

**କବିତା: କିଏ ସେ ଆସିଛି ଆକାଶ ରାଇଜୁ**
**ଲେଖକ: ସତ୍ୟନାରାୟଣ ମିଶ୍ର**
ବର୍ଷାଦିନର ବିଭିନ୍ନ ଘଟଣାକୁ ଏହି କବିତାରେ ବର୍ଣ୍ଣନା କରାଯାଇଛି।

**ବଡ଼ଲୋକଙ୍କ କଥା: ଧନ କୁବେର ମୁଣ୍ଡ ନୋଇଁଲେ**
**ଲେଖକ: ଦେବାଶିଷ ଚକ୍ରବର୍ତ୍ତୀ**
ସ୍ୱାମୀ ବିବେକାନନ୍ଦଙ୍କ ଜୀବନର ଏକ ଘଟଣାକୁ ଏହି କଥାରେ ରୂପ ଦିଆଯାଇଛି।

**ଏସବୁ ବ୍ୟତୀତ ନିୟମିତ ବିଭାଗ ସ୍ଥାନିତ ହୋଇଛି :**
**ରାଜ୍ୟ ଖବର:**
ଦୁଇ ଓଡ଼ିଆଙ୍କୁ ରାଷ୍ଟ୍ରୀୟ ବାଲ୍ ପୁରସ୍କାର, ପାରାଦୀପକୁ ଆସିଲା ଯାତ୍ରୀବାହୀ ଜାହାଜ ଏବଂ ୪ ଓଡ଼ିଆଙ୍କୁ ପଦ୍ମଶ୍ରୀ।

**ତୁମ ପାଇଁ ଖବର**
ଟ୍ରକ୍ ଚଳାଉଛନ୍ତି, ଜାପାନୀ ସୁନ୍ଦରୀ, ମଣିଷର ଭାଷା ବୁଝୁଥିବା ଫ୍ରିଜ୍, ମୂଷା ମାଂସ ୨୦୦ ଟଙ୍କା, ଚନ୍ଦ୍ରପୃଷ୍ଠରେ ମଞ୍ଜିରୁ ଗଜା, ରୋଜଗାରରୁ ଦାନ କରୁଥିବା କିନ୍ନର ଏବଂ ବାର୍ବିର ବଢୁ ନାହିଁ ବୟସ।

**ଚଳଚ୍ଚିତ୍ର ଖବର**
ଦେଶର ପ୍ରଥମ ସିନେମା ମ୍ୟୁଜିୟମ, ଚଳଚ୍ଚିତ୍ର 'ନିମ୍‌କି', ମାଲ୍ ମହୁ ଜୀବନ ମାଟି, ଅମାବାସ, ଟୋଟାଲ ଧମାଲ ଏବଂ ଷ୍ଟୁଡେଣ୍ଟ ଅଫ ଦି ଇୟର ୨।

**ଖେଳ ଖବର**
କୋହଲିଙ୍କ ପାଇଁ ୨୦୧୮ ସ୍ମରଣୀୟ ବର୍ଷ, ମାଲକାନଗିରିର ଭାରୋତ୍ତୋଳନକାରୀ ଭକ୍ତରାମ ଏବଂ ସିଙ୍ଗାପୁରରେ ଟେନିସ୍ ଟାଇଟଲ ଜିତିଲେ ଅଙ୍କିତା।

**ନିୟମିତ ବିଭାଗରେ ସ୍ଥାନିତ ହୋଇଛି ଯଥା :**
**କେଦାର ପୃଷ୍ଟିଙ୍କ ପ୍ରସ୍ତୁତି 'କୁନିକୁନାଙ୍କ ପାଠଶାଳା-୫୯', ଶରତ କୁମାର ନାୟକଙ୍କ ରଚିତ 'କବିତା-ଧନ୍ଦା' ଓ ଅନ୍ୟାନ୍ୟ ଅନେକ ବିଭାଗ, ଯଥା: ଚିହ୍ନିଲ କିଏ? କିଏ ଅଲଗା?, ବାଟ ବତାଅ, ଜାଣିଛ କି?, ପାର୍ଥକ୍ୟ ଖୋଜ, ଶବ୍ଦ-ଧନ୍ଦା, ତୁମ ତୂଳୀରୁ ଓ ରଙ୍ଗଦିଅ ଇତ୍ୟାଦି।**

■■■